## ହାତ କାଟିଲେ ନିଶାସକ୍ତ ଯୁବକ

କୁକୁଡାଖଣ୍ଡି: ନିମଖଣ୍ଡି ଫାଣ୍ଡି ଅନ୍ତର୍ଗତ ନିମଖଣ୍ଡି ଗ୍ରାମରେ ଜଣେ ଯୁବକ ମଦ ପିଇ ନିଶାସକ୍ତ ଅବସ୍ଥାରେ ତାଙ୍କ ହାତ କାଟିଛନ୍ତି। ଯୁବକ ଜଣକ ଶନିବାର ରାତିରେ ଘର ନିକଟରେ ମଦ ପିଇ କେତେଜଣଙ୍କୁ ଗାଳିଗୁଲଜ ସହ ଆକ୍ରମଣ ଉଦ୍ୟମ କରୁଥିଲେ। ଏଥିରୁ ନିବୃତ୍ତ ରହିବା ପାଇଁ ତାଙ୍କ ବଡ଼ଭାଇ କହିବା ସହ ମଦ ନ ପିଇବାକୁ ତାଗିଦ୍ କରି ଚାପୁଡ଼ା ମାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ସେ ନିଜ ହାତକୁ ଏକ ଧାରୁଆ ଅସ୍ତ୍ରରେ କାଟି ଘରେ ଫାଟକ ବନ୍ଦ କରି ରହିଥିଲେ। ବଡ଼ଭାଇ ଏ ନେଇ ପୋଲିସକୁ ଖବର ଦେଇଥିଲେ। ନିମଖଣ୍ଡି ଫାଣ୍ଡି ଅଧିକାରୀ ଜ୍ୟୋତିରଞ୍ଜନ ବେହେରା ପହଞ୍ଚି ତାଙ୍କୁ ବ୍ରହ୍ମପୁର ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

### ସଂକ୍ଷେପରେ

## କେନାଲରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଆସିକା, ୨୫।୭ (ଡି.ଏନ.ଏ.): ଗାଙ୍ଗପୁର ଥାନା କେନ୍ଦୁପଦର ଗ୍ରାମ ସଂଲଗ୍ନ ବଡ କେନାଲରେ ବୁଡି ରବିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁପଦର ଗ୍ରାମର ଚନ୍ଦ୍ରମା ସ୍ୱାଇଁ (୭୦)। ଚନ୍ଦ୍ରମା କେନାଲକୁ ଗାଧେଇ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ବହୁ ଖୋଜାଖୋଜି ପରେ ଘଟଣାସ୍ଥଳରୁ ପ୍ରାୟ ଶହେ ମିଟର ଦୂରରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ସେଠାରେ ଚନ୍ଦ୍ରମାଙ୍କୁ ଡାକ୍ତର ମୃତ କରିଥିଲେ। ଗାଙ୍ଗପୁର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି।ଏ ନେଇ ନଂ.୧୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ କହିଛନ୍ତି।

## ସାପ କାମୁଡ଼ାରେ ବୃଦ୍ଧ ମୃତ

ବ୍ରହ୍ମପୁର ଅଫିସ,୨୫।୭: ସାପ କାମୁଡାରେ ଗୁରୁତର ଥିବା ଜଣେ ବୃଦ୍ଧଙ୍କର ଏମ୍‌କେସିଜି ମେଡିକାଲରେ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଅଧିକାରୀ ବିଷୋୟୀ(୭୨)। ତାଙ୍କ ଘର ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲକ୍ଷ୍ମଣପୁର। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ନଂ.୩୬୧/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାରୁ ପ୍ରକାଶ, ଗତ ୨୧ ତାରିଖ ସନ୍ଧ୍ୟାରେ ବୃଦ୍ଧ ଜଣଙ୍କ ତାଙ୍କ ବାରିପଟକୁ ପରିସ୍ରା କରିବାକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଝଡ଼ାଫୁଙ୍କା କରିଥିଲେ। ସେ ଭଲ ନ ହେବାରୁ ତାଙ୍କୁ ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସେ ଗୁରୁତର ହେବାରୁ ତାଙ୍କୁ ଶନିବାର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ପୋଚ ସହ ମହୁଲି ମଦ ଜବତ, ୬ ଗିରଫ

ଆର.ଉଦୟଗିରି,୨୫।୭(ଡି.ଏନ.ଏ.): ଅବକାରୀ ଓ ମୋହନା, ଅଡବା ପୋଲିସର ମିଳିତ ଚଢାଉ କରାଯାଇ ଶୁକ୍ରବାର ୬ ହଜାର ୬୦୦ ମହୁଲି ପୋଚ ଓ ୬୧୬ ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବିରିକୋଟ ଗ୍ରାମର କଶ ବେହେରା, କାଳୁ ନାୟକ, ଆଲିଗଣ୍ଡାର ଗ୍ରାମର ଭିକି ଶୋଭା ସୁନ୍ଦର, ଚାନ୍ଦିପୁଟୁ ଗ୍ରାମର ଲେନ୍ଦ୍ର ବିଷୋୟୀ, ରତ୍ନମଣି ମଲିକ, ବେଲପଡା ଗ୍ରାମର ପ୍ରତାପ। ଆର.ଉଦୟଗିରି, ରାମଗିରି, ମୋହନା ଓ ଅଡବା ଥାନା ଅଞ୍ଚଳରୁ ପ୍ରତିଦିନ ଶହଶହ ଲିଟର ରନ୍ଧା ମହୁଲି ମଦ ଆସି ବିଭିନ୍ନ ଗ୍ରାମରେ ଖୁଲମଖୁଲା ବିକ୍ରି ହେଉଛି। ଖବର ପାଇ ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ବାଳକୃଷ୍ଣ ପରିଡ଼ା ଓ ପ୍ରକାଶ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ଅଡବା ଥାନାର ବିରିକୋଟ, ଆଲିଗଣ୍ଡା, ବେଲପଡା ଓ ଶନିବାର ମୋହନା ଥାନାର ଚାନ୍ଦିପୁଟୁ, ଡିମିରିଝୁଲି, ପଥରଗଡ, କିରାମା ଓ ପାଦିମା ଆଦି ଗ୍ରାମରୁ ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଅଞ୍ଚଳରେ ଅବାଧରେ ମଦ ବେପାର ବୃଦ୍ଧି ପାଉଥିବାରୁ ଗଜପତି ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଚୋରାମଦ ବିକ୍ରି ବନ୍ଦ କରିବାକୁ ଦାବି ହେଉଛି।

## ଚୋରି ସୁନା ଗହଣା ଜବତ, ମହିଳା ଗିରଫ

ଦିଗପହଣ୍ଡି,୨୫।୭(ଡି.ଏନ.ଏ.): ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟରାସ୍ତାରେ ରହୁଥିବା ଜଣେ ମହିଳାଙ୍କୁ ରବିବାର ସ୍ଥାନୀୟ ପୋଲିସ ଏକ ଚୋରି ମାମଲାରେ କୋର୍ଟ ଚାଲାଣ କରିଛି। ମାମଲା ନଂ.୧୮୧/୨୧ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗତ ଗୁରୁବାର ଦିଗପହଣ୍ଡି ସହର ୱାର୍ଡ ନଂ. ୧୦ ଅଧୀନ ରାଜନଗର- ୨ରେ ରହୁଥିବା ସମୀର ପାତ୍ରଙ୍କ ଘରୁ ତାଙ୍କ ଭାଉଜଙ୍କ ସୁନା ମଙ୍ଗଳସୂତ୍ର ଏବଂ ସୁନାହାର ଚୋରି ହୋଇଥିଲା। ଏ ନେଇ ତାଙ୍କ ଘରେ କାମ କରୁଥିବା ମହିଳାଙ୍କ ଉପରେ ସନ୍ଦେହ କରୁଥିବା ସମୀର ଏତଲା ଦେଇଥିଲେ। ତଦନ୍ତକାରୀ ପୋଲିସ ଅଧିକାରୀ ଏସଆଇ ମାଧବ ଚନ୍ଦ୍ର ଟାକ୍ରି ସଦଳବଳ ଅଭିଯୁକ୍ତାଙ୍କ ଘରେ ପହଞ୍ଚି ଖାନତଲାସ କରିଥିଲେ ମଧ କିଛି ମିଳିନଥିଲା। ସମସ୍ତ ଅଭିଯୋଗକୁ ଅଭିଯୁକ୍ତା ଅସ୍ୱୀକାର କରିଥିଲେ। ପରେ ପୋଲିସ ତାଙ୍କୁ ଥାନାକୁ ନେଇ ୨ ଦିନ ଧରି ଜେରା କରିବା ପରେ ସେ ଚୋରି କରିଥିବା ସ୍ୱୀକାର କରିଥିଲେ। ପୋଲିସ ଟିମ ସହ ଅଭିଯୁକ୍ତା ଘରେ ପହଞ୍ଚି ପଲିଥିନରେ ଲୁଚାଇ ରଖିଥିବା ସୁନା ଅଳଙ୍କାର ପୋଲିସକୁ ଦେଇଥିବା ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

# ଆଇଟିଆଇ ପରିସରରେ ଆଇଜର ପାଠପଢ଼ା

### ଲାଉଡ଼ିଗାଁରେ ନିର୍ମାଣ ହେଉଛି ସ୍ଥାୟୀ କ୍ୟାମ୍ପସ

- ବ୍ୟୟ ଅଟକଳ ୭ ଶହ କୋଟି
- ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୨୫।୭

ବ୍ରହ୍ମପୁର ଆଇଟିଆଇ ପରିସର ଅସ୍ଥାୟୀ କ୍ୟାମ୍ପସରେ ୨୦୧୬ରୁ ଚାଲିଛି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଜର) ଛାତ୍ରୀଛାତ୍ରଙ୍କ ପାଠପଢ଼ା। ରଙ୍ଗେଇଲୁଣ୍ଡା ବ୍ଲକ ଲାଉଡ଼ିଗାଁ ନିକଟରେ ରାଜ୍ୟ ସରକାର ୨ ଶହ ଏକର ଜମି ଯୋଗାଇଛନ୍ତି। ସେଠାରେ ସ୍ଥାୟୀ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ୨୦୧୯ରେ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଏକ ତୃତୀୟାଂଶ କାର୍ଯ୍ୟ ହୋଇଛି। ଆସନ୍ତା ୨ ବର୍ଷ ମଧ୍ୟରେ ସରିବାର ଲକ୍ଷ୍ୟ ରହିଛି। ନୂଆ କ୍ୟାମ୍ପସ ବାବଦରେ ୭ ଶହ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି।

ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ଏକ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ସେଠାରେ ଆଇଜର ପାଠପଢ଼ା ପାଇଁ ଅନୁମତି ଦିଆଯାଇଛି। ପ୍ରାୟ ୬ ବର୍ଷ ହେବ ବିନା ଭଡ଼ାରେ ଆଇଜର ଚାଲିଛି। ସରକାରୀ ନିୟମାନୁସାରେ ଭଡ଼ା ଦେବା ପାଇଁ ଆଇଟିଆଇ ଦାବି କରିଥିବା ସତ୍ତ୍ୱେ ଆଇଜର କର୍ତ୍ତୃପକ୍ଷ ଚୁପ ରହିଥିବା କୁହାଯାଇଛି। ନୂଆ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ ଶେଷ କରି ଆଇଟିଆଇ ପରିସରରୁ ସ୍ଥାନାନ୍ତର କରାଯିବାକୁ ବିଭିନ୍ନ ମହଲରୁ ଗୁରୁତ୍ୱ ଦିଆଯାଇଛି। ସ୍ୱାଧୀନତାର ୭୦ ବର୍ଷ ପରେ ଭାରତର ନୂଆ ଶିକ୍ଷାମନ୍ତ୍ରୀ ହୋଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ଦକ୍ଷତାବିକାଶ ମନ୍ତ୍ରଣାଳୟ ମଧ ତାଙ୍କୁ ମିଳିଛି। ପୂର୍ବ ମାନବସମ୍ବଳ ଓ ବର୍ତ୍ତମାନର ଶିକ୍ଷା ମନ୍ତ୍ରଣାଳୟ ମନ୍ତ୍ରୀ ହେବାରେ ପ୍ରଥମ ଓଡ଼ିଆ ନେତା ଧର୍ମେନ୍ଦ୍ର। ସୂଚନାଯୋଗ୍ୟ, ମୋଦି ସରକାରଙ୍କ ପ୍ରଥମ ପାଳିରେ ଓଡ଼ିଶା ପାଇଁ ଆଇଆଇଏମ୍ ଏବଂ ଆଇଜର ମଞ୍ଜୁର ହୋଇଥିଲା। ଆଇଆଇଏମ୍ ସମ୍ବଲପୁରକୁ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ସୁପାରିସ କ୍ରମେ ଆଇଜର ଗଞ୍ଜାମ ଜିଲାରେ ପ୍ରତିଷ୍ଠା ହେବା ନିଷ୍ପତ୍ତି ନିଆଗଲା। ନବୀନ ପଟ୍ଟନାୟକଙ୍କ ଚତୁର୍ଥ ପାଳି ସରକାରରେ ସଞ୍ଜୟ ଦାସ ବର୍ମା ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ଥିଲେ। ଆଇଟିଆଇ ପରିସରରେ ଆଇଜର ପାଠପଢ଼ା ଆରମ୍ଭ ଲାଗି ସେ ପଦକ୍ଷେପ ନେଇଥିଲେ।

ଜାତୀୟସ୍ତରର ବୃହତ୍ ଶିକ୍ଷାନୁଷ୍ଠାନ ଗଞ୍ଜାମକୁ ମିଳିବା ଗୌରବର ବିଷୟ ହୋଇଥିବାରୁ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଜମି ଯୋଗାଇ ଦିଆଯାଇଛି। ଆବଶ୍ୟକତା ଅନୁଯାୟୀ ରାସ୍ତାଘାଟର ବିକାଶ ହୋଇଛି। ଲାଉଡ଼ିଗାଁରେ ଆଇଜର କ୍ୟାମ୍ପସରେ ପ୍ରଶାସନିକ ଭବନ, ପାଠପଢ଼ା ପାଇଁ ଶ୍ରେଣୀଗୃହ, ଛାତ୍ରୀ ଓ ଛାତ୍ର ନିବାସ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ନିମନ୍ତେ ବାସଗୃହ, ଉନ୍ନତମାନର ପ୍ରେକ୍ଷାଳୟ ଓ ଖେଳ ପଡ଼ିଆ ଆଦିର ବ୍ୟବସ୍ଥା ରହିଛି। ନୂଆ କ୍ୟାମ୍ପସକୁ ଆଇଜର ସ୍ଥାନାନ୍ତର ପାଇଁ ନୂଆ ଶିକ୍ଷାମନ୍ତ୍ରୀ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ଅଭିଯୁକ୍ତ କୋର୍ଟ ଚାଲାଣ: ବ୍ଲେଡ୍, ଠେଙ୍ଗା ଜବତ

### ଡ୍ରାଇଭରଙ୍କ ପେଟକୁ ବ୍ଲେଡ୍‌ରେ କାଟିବା ମାମଲା

ବ୍ରହ୍ମପୁର ଅଫିସ,୨୫।୭

ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କ ପେଟକୁ ବ୍ଲେଡ୍‌ରେ କାଟିବା ସହ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରାଯାଇଥିବା ମାମଲାରେ ସଦର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଉକ୍ତ ଥାନା ଅନ୍ତର୍ଗତ ଲୋଚାପଡାର ରଜନୀ କାନ୍ତ ମହାନ୍ତି। ସେ ଜଣେ ପେସାଦାର ଅପରାଧୀ ବୋଲି ପୋଲିସ କହିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଘଟଣା ବେଳେ ବ୍ୟବହୃତ ରକ୍ତଭିଜା ବ୍ଲେଡ୍ ଓ ଠେଙ୍ଗା ଜବତ କରିଛି। ମାମଲା ନମ୍ବର ୨୪୬/୨୧ରେ ପୋଲିସ ରଜନୀଙ୍କୁ ଗିରଫକରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ, ଯୋଗିଆପଲ୍ଲୀ ଗ୍ରାମର ଗଣେଶ ପାତ୍ର ଜଣେ ଟ୍ରାକ୍ଟର ଡ୍ରାଇଭର। ସେ ଗତ ୨୧ ତାରିଖ ରାତିରେ ବ୍ରହ୍ମପୁରରୁ କାମ ସାରି ନିଜ ଘରକୁ ଫେରୁଥିଲେ। ପଲ୍ଲୀଗାଁ ଛକରେ ରଜନୀ ତାଙ୍କୁ ଅଟକାଇ ପଇସା ମାଗିଥିଲେ। ସେ ମନା କରିବାରୁ ରଜନୀ ଧରିଥିବା ଏକ ବ୍ଲେଡ୍‌ରେ ଗଣେଶଙ୍କ ପେଟକୁ ଆକ୍ରମଣ କରିଥିଲେ।



ଗିରଫ ଅଭିଯୁକ୍ତ ରଜନୀକାନ୍ତ ମହାନ୍ତି।

# ଆନ୍ତଃ ଜିଲା କ୍ରିକେଟ ପ୍ରତିଯୋଗିତା ନିମନ୍ତେ ଖେଳାଳି ଚୟନ



ଗଞ୍ଜାମ ଦଳର ମନୋନୀତ ଖେଳାଳି।

ବ୍ରହ୍ମପୁର ଅଫିସ, ୨୫।୭

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଚଳିତ ମାସ ୨୬ରୁ ଅଗଷ୍ଟ ୧୨ ପର୍ଯ୍ୟନ୍ତ କଟକଠାରେ ଅନୁଷ୍ଠିତ ହେବାକୁ ଥିବା ବରିଷ୍ଠ ଆନ୍ତଃ ଜିଲା କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୦ ଜଣ କ୍ରୀଡ଼ାବିତ୍ ଗଞ୍ଜାମ ଦଳରେ ସ୍ଥାନ ପାଇଛନ୍ତି। ଏନେଇ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିବା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁଙ୍କଠାରୁ ପ୍ରକାଶ। ଗଞ୍ଜାମ ଜିଲା କ୍ରିକେଟ ସଂଘ ସଦସ୍ୟ ତାରିଣୀ ସାମନ୍ତ, ସୁକାନ୍ତ ଚୌଧୁରୀ, ଅମିତ ଦାସ, ଡବ୍ଲ୍ୟୁ.ଭି ଜାନକୀ ରାମ, ଖୋର୍ଦ୍ଧା କ୍ରିକେଟ ସଂଘ କୋଚ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଚୟନ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଗଞ୍ଜାମ ଦଳ ପକ୍ଷରୁ କାଳିଆ ସାହୁ ଅଧିନାୟକ ଏବଂ ଅଜୟ ଗୌର ଉପ ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ କଟକ ଡ୍ରିମ୍ସ ଖେଳ ପଡ଼ିଆଠାରେ ଗଞ୍ଜାମ ଓ ଅନୁଗୋଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଶନିବାର କ୍ରୀଡ଼ାବିତ୍‌ମାନେ କଟକ ଅଭିମୁଖେ ଯାତ୍ରା କରିଛନ୍ତି।

## ସୁରଟରେ ଓଡ଼ିଆ ଯୁବକଙ୍କୁ ହତ୍ୟା

ଭଞ୍ଜନଗର,୨୫।୭(ଡି.ଏନ୍.ଏ)

ସୁରଟରେ ଜଣେ ଓଡ଼ିଆ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ଜଣକ ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ରତଙ୍ଗ ଗ୍ରାମର। ଶନିବାର ତାଙ୍କୁ ହତ୍ୟା କରାଯାଇଥିଲେ ମଧ ସୁରଟ ପୋଲିସ ପ୍ରଥମେ ମୃତଦେହ ଚିହ୍ନଟ କରି ପାରି ନ ଥିଲା। ରବିବାର ଅପରାହ୍ନରେ ପୋଲିସଠାରୁ ସୂଚନା ପାଇ ମୃତକଙ୍କ ମାମୁ ଥାନାକୁ ଯାଇଥିଲେ। ସେଠାରେ ପୋଲିସ କେତେକ ଫଟୋ ଦେଖାଇବାରୁ ତାହା ଭଣଜାଙ୍କ ମୃତଦେହ ବୋଲି ମାମୁ ଚିହ୍ନଟ କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏହି ଘଟଣାରେ ସୁରଟ ପୋଲିସ କେତେଜଣ ଯୁବକଙ୍କୁ ଅଟକ ରଖିଛି। ସୋମବାର ମାମୁ ଥାନାରେ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଯୁବକ ଜଣଙ୍କ ଲକ୍‌ଡାଉନ୍‌ରେ ସୁରଟରୁ ଗାଁକୁ ଫେରି ଆସିଥିଲେ। ସ୍ଥିତି ସ୍ୱାଭାବିକ ହେବାପରେ ୧୦ଦିନ ପୂର୍ବେ ପୁଣି ସୁରଟ ଯାଇଥିଲେ। ଶନିବାର ସେ ଯେଉଁଠି କାମ କରୁଥିଲେ କୌଣସି ଏକ କଥାକୁ ନେଇ ସେଠାକାର କେତେଜଣ ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ତାଙ୍କୁ ହତ୍ୟା କରି ଡ୍ରେନରେ ଫିଙ୍ଗି ଦିଆଯାଇଥିଲା।

# ଖବର ସଂଗ୍ରହ ବେଳେ ଖବରଦାତାଙ୍କୁ ଆକ୍ରମଣ

ବ୍ରହ୍ମପୁର ଅଫିସ,୨୫।୭

ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ବ୍ରହ୍ମପୁରର ଜଣେ ଖବରଦାତାଙ୍କୁ ରବିବାର ଆକ୍ରମଣ ହୋଇଛି। ଏହି ଘଟଣାକୁ ସହରର କାର୍ଯ୍ୟରତ ଖବରଦାତାଙ୍କ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରାଯିବା ସହିତ ଗୋଷାଣୀନୂଆଗାଁ ଥାନାରେ ଏତଲା ଦିଆଯାଇଛି। ପୋଲିସ ଘଟଣାର ଅଭିଯୁକ୍ତଙ୍କୁ ଅଟକ ରଖିଛି। ସୂଚନା ଅନୁସାରେ ପାରିବାରିକ ବିବାଦକୁ ନେଇ ଜଣେ ମହିଳା ନ୍ୟାୟ ପାଇଁ ଗୋଷାଣୀନୂଆଗାଁସ୍ଥିତ ଶ୍ୱଶୁର ଘର ଆଗରେ ଧାରଣାରେ ବସିଥିଲେ। ଖବର ସଂଗ୍ରହ କରିବା ପାଇଁ ସେଠାରେ କେତେକ ଖବରଦାତା ପହଞ୍ଚିଥିଲେ। ଖବରଦାତା ପ୍ରହଲ୍ଲାଦ ସାହୁ ମଧ ସେଠାକୁ ଯାଇଥିଲେ। ସେ ସମ୍ପୃକ୍ତ ମହିଳାଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝୁଥିବା ବେଳେ ମହିଳାଙ୍କ ଦେଢ଼ଶୁର ପହଞ୍ଚି ସମସ୍ତଙ୍କୁ ଅସଭ୍ୟ ଭାଷାରେ ଗାଳି କରିବା ସହିତ ଫଟୋ ଉଠାଇଥିଲେ। ପ୍ରହଲ୍ଲାଦ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଏଥିରେ ଆହତ ହୋଇଥିଲେ। ପ୍ରହଲ୍ଲାଦଙ୍କୁ ଡାକ୍ତରଖାନା ନିଆଯିବା ସହିତ ପୋଲିସକୁ ଖବର କରିଥିଲେ। ପୋଲିସ ପହଞ୍ଚି ଆକ୍ରମଣକାରୀଙ୍କୁ ଥାନାକୁ ନେଇଥିଲା।

# ଜି.ଉଦୟଗିରିରେ ବିଜେଡିର ବନ୍ଧୁମିଳନ

ଜି.ଉଦୟଗିରି,୨୫।୭(ଡି.ଏନ.ଏ.)

ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀର ନୂଆ ଟିମ ଗଠନ ହେବା ପରେ ରବିବାର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସାଲୁଗା ପ୍ରଧାନ ଯୋଗଦେଇ ଉନ୍ନୟନମୂଳକ କାର୍ଯ୍ୟର ସମିକ୍ଷା କରିବା ସହିତ ପଞ୍ଚାୟତ, ନଗର ନିର୍ବାଚନ ଜିତିବାର ମନ୍ତ୍ର ଦେଇଛନ୍ତି। ରବିବାର ଜି.ଉଦୟଗିରି ଗସ୍ତ କରି ନବ ନିର୍ବାଚିତ ସଭାପତି, ଦଳିୟ କର୍ମକର୍ତ୍ତାଙ୍କ ସହିତ ୱାର୍ଡ କମିଟି ସଭ୍ୟମାନଙ୍କ ସହିତ ଆଲୋଚନା କରିଛନ୍ତି । ନୂଆ ନଗର ସଭାପତି ଗୋପାଳ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏବଂ ଜିଲା ସମ୍ପାଦକ କାଳୁ ଚରଣ ପଣ୍ଡାଙ୍କ ସଭାତିତ୍ୱରେ ଆୟୋଜିତ ଏହି ବୈଠକରେ ବିଧାୟକଙ୍କ ସହିତ ବ୍ଲକ ସଭାପତି ଲିଙ୍ଗରାଜ କଅଁର, ପୂର୍ବତନ ନଗର ସଭାପତି କୃଷ୍ଣ କୁମାର ପଣ୍ଡା, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷା ଭାନୁ ପ୍ରଭାତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ନବ ନିର୍ବାଚିତ ସଭାପତିମାନଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ଦେବନାଥ ଦଳବେହେରା, ଆମୋସ ନାୟକ, ସୁଶିଳ ପାଣିଗ୍ରାହୀ, ନାରି ନେତ୍ରୀ ମାମି ନାୟକ, ଛାତ୍ର ସଭାପତି ଅମିତ ପ୍ରଧାନ, ବ୍ଲକ ଯୁବ ସଭାପତି ଛଟନ ନାୟକ, ବିଧାୟକ ପ୍ରତିନିଧି ରାଜା ପାତ୍ର, ଏନଏସି ଯୁବ ସଭାପତି ବ୍ରହ୍ମାନନ୍ଦ ସାହୁ, ସରପଞ୍ଚ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ମାର୍କେଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର



ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ଛତ୍ରପୁର,୨୫।୭(ଡି.ଏନ.ଏ.)

ଛତ୍ରପୁର ଉପକଣ୍ଠ ମା' ରାମଚଣ୍ଡୀଙ୍କ ପୀଠରେ ରବିବାର ମାର୍କେଟ କମ୍ପ୍ଲେକ୍ସ ଓ ରୋଷେଇ ଶାଳ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ଶୌଚାଳୟ ଉଦଘାଟିତ ହୋଇଛି। ରାଜ୍ୟ କୃଷି ବିପଣନ ନିଗମର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରୋଷେଇଶାଳ ପାଇଁ ବିଧାୟକ ତାଙ୍କ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ଦେଇଛନ୍ତି। କାର୍ଯ୍ୟକ୍ରମରେ ମନ୍ଦିର କମିଟିର ବିନୋଦ ପାଢ଼ୀ, ବସନ୍ତ କୁମାର ମହାରଣା, କମଳ କୁମାର ପଣ୍ଡା, ରବୀନ୍ଦ୍ର କୁମାର ପଣ୍ଡା, ରବୀନ୍ଦ୍ର ନାଥ ପଣ୍ଡା, ଖିରୋଦ ଚନ୍ଦ୍ର ସାହୁ, ପ୍ରଶାନ୍ତ ମହାରଣା, ସନ୍ତୋଷ କୁମାର ପାଢ଼ୀ, ଶତ୍ରୁଘ୍ନ ମହାକୁଡ, ସନ୍ତୋଷ ମିଶ୍ର, ପୁରୋହିତ ନବକୃଷ୍ଣ ଆଚାର୍ଯ୍ୟ, ପ୍ରକାଶ ଶତପଥୀ, ମନୋରଞ୍ଜନ ତ୍ରିପାଠୀ, ମନ୍ଦିର ପୂଜକ ଆଦିକନ୍ଦ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ସଂସ୍କୃତି ବିଭାଗର ଡେସ୍କ ଅଫିସର ନିଖୋଜ

### ମାସେ ହେଲାଣି ପତ୍ତା ମିଳୁନି



ଭୁବନେଶ୍ୱର,୨୫।୭(ବ୍ୟୁରୋ)

ଲୋକସେବା ଭବନରେ ଥିବା ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗରେ ଡେସ୍କ ଅଫିସର ଭାବେ କାର୍ଯ୍ୟ କରୁଥିବା ସନ୍ତୋଷ ଦଳବେହେରା(୫୫)ଙ୍କର ମାସେ ହେବ ଖୋଜଖବର ମିଳୁନି। ଏନେଇ କନ୍ଧମାଳ ଜିଲା ଜି. ଉଦୟଗିରିରେ ରହୁଥିବା ତାଙ୍କ ସ୍ତ୍ରୀ ମଞ୍ଜୁଲତା ଜୁନ୍ ୩୦ରେ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ଏକ ନିଖୋଜ ମାମଲା (ନଂ.୪୦/୨୧) ରୁଜୁ କରିଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କ ସମ୍ପର୍କରେ କିଛି ବି ସନ୍ଧାନ ପାଇପାରୁନି। ଏହାପରେ ମଞ୍ଜୁଲତା ଜୁଲାଇ ୫ରେ ରାଜ୍ୟ ଗୃହ ବିଭାଗ ଓ ସଂସ୍କୃତି ବିଭାଗକୁ ଚିଠି ଲେଖି ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ତେଣୁ ରବିବାର ସେ ଗଣମାଧ୍ୟମ ଆଗରେ ଅସନ୍ତୋଷ ବ୍ୟକ୍ତ କରିବା ପରେ ଘଟଣା ପଦାକୁ ଆସିଛି। ମଞ୍ଜୁଲତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ପୂର୍ବରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ କାମ କରୁଥିଲେ। ୨ ବର୍ଷ ହେଲା ପଦୋନ୍ନତି ପାଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗରେ ଡେସ୍କ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ୟୁନିଟ-୯ ଭୋଇନଗରସ୍ଥିତ ସରକାରୀ କ୍ୱାର୍ଟର୍ସରେ ଏକା ରୁହନ୍ତି। ସନ୍ତୋଷ ଅନେକ ସମୟରେ କାର୍ଯ୍ୟଚାପ କଥା କୁହନ୍ତି। କାର୍ଯ୍ୟାଳୟରେ କମ୍ କର୍ମଚାରୀ ଥିବାରୁ ଅଧିକ କାର୍ଯ୍ୟଭାର ପଡୁଛି ବୋଲି ତାଙ୍କ ସ୍ତ୍ରୀଙ୍କୁ ଫୋନ କରି କହୁଥିଲେ। ଏପରିକି ତାଙ୍କ ସିନିୟର ମହିଳା କର୍ମଚାରୀ ଅନେକ ସମୟରେ ତାଙ୍କ ଉପରେ ଚିଡୁଥିଲେ। ତେବେ ଜୁନ୍ ୨୬ରେ ଶେଷଥର ମଞ୍ଜୁଲତା ତାଙ୍କ ସ୍ୱାମୀଙ୍କ ସହ କଥା ହୋଇଥିଲେ। ଏହାପରେ ତାଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ମଞ୍ଜୁଲତା ତାଙ୍କ ସରକାରୀ ବାସଭବନକୁ ଆସି ପାଇ ନ ଥିଲେ। ଅଫିସ କର୍ମଚାରୀ ମଧ କେହି କିଛି ଜାଣି ନ ଥିବା କହିଥିଲେ। ତେଣୁ ସେ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ତାଙ୍କୁ ଅପହରଣ କରି ନିଆଯାଇଥାଇପାରେ ବୋଲି ସେ ସନ୍ଦେହ କରି ପୋଲିସ ଓ ବିଭାଗୀୟ ସହଯୋଗ ଲୋଡ଼ିଛନ୍ତି।

## ଯୁବତୀଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ: ୨ ଗିରଫ

ଫୁଲବାଣୀ ଅଫିସ, ୨୫।୭

ଗୋଛାପଡା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ରବିବାର ଦୁଇ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ବିକାଶ ନାୟକ ଓ ତାଙ୍କ ଭାଇ ପ୍ରକାଶ ନାୟକ । ଗତ ୨୧ ତାରିଖରେ ଯୁବତୀ ଜଣକ ଗାଁ କୂଅରୁ ପାଣି ଆଣିବାକୁ ଯାଇଥିବା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଜୋର ଜବରଦସ୍ତ ଘରକୁ ଉଠାଇ ନେଇ ଗୋଟିଏ କୋଠରୀରେ ବନ୍ଦ କରି ରଖିଥିଲେ । ବିକାଶ ସେହି କୋଠରୀକୁ ଯାଇ ଯୁବତୀଙ୍କୁ ବଳାତ୍କାର କରିଥିଲେ । ପରିବାର ଲୋକେ କୌଣସି ପ୍ରକାରେ ଖବର ପାଇ ସେଠାରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲେ । ଏ ନେଇ ଯୁବତୀ ଗୋଛାପଡା ଥାନାରେ ଏତାଲା ଦେଇଥିଲେ । ନଂ.୫୬/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା ।

# ଅଫ୍‌ଲାଇନ୍ ମାଟ୍ରିକ ପରୀକ୍ଷା ଦେବେ ୧୩୧୯ ଛାତ୍ରୀଛାତ୍ର

### ଗଞ୍ଜାମରେ ୨୮ ପରୀକ୍ଷା କେନ୍ଦ୍ର ପ୍ରସ୍ତୁତ

ଛତ୍ରପୁର,୨୫।୭(ଡି.ଏନ.ଏ.)

କରୋନା ଯୋଗୁ ଚଳିତବର୍ଷ ବିନା ପରୀକ୍ଷାରେ ମାଟ୍ରିକ ଫଳପ୍ରକାଶ ପାଇଥିଲା। ଫଳାଫଳରେ ଅସନ୍ତୁଷ୍ଟ ଛାତ୍ରୀଛାତ୍ର ଅଫଲାଇନ୍‌ରେ ପରୀକ୍ଷା ଦେବାକୁ ଶିକ୍ଷା ବିଭାଗ ପକ୍ଷରୁ ବ୍ୟବସ୍ଥା ହେଇଛି। ଆସନ୍ତା ୩୦ ତାରିଖରୁ ଅଗଷ୍ଟ ୫ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ହେବ । ଗଞ୍ଜାମ ଜିଲାର ୧୩୧୯ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି । ଏଥିନେଇ ସମସ୍ତ ପ୍ରସ୍ତୁତି ସରିଛି । ଜିଲାରେ ୨୮ଟି ପରୀକ୍ଷା କେନ୍ଦ୍ର ହୋଇଛି । ଏଥିମଧ୍ୟରେ ରେଗୁଲାର, ଏକ୍ସ-ରେଗୁଲାର, ପତ୍ର ବିନିମୟ ପାଠ୍ୟକ୍ରମ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟର ଛାତ୍ରଛାତ୍ର ରହିଛନ୍ତି। ପ୍ରତି ପରୀକ୍ଷା କେନ୍ଦ୍ରରେ ୭ରୁ ଉର୍ଦ୍ଧ୍ୱ ପରୀକ୍ଷା ହଲରେ ପରୀକ୍ଷାର୍ଥୀମାନେ ବସିବାର ବ୍ୟବସ୍ଥା କରାଯାଇଛି । ସମସ୍ତ ପରୀକ୍ଷାର୍ଥୀଙ୍କ ଥର୍ମାଲ ସ୍କ୍ରିନିଂ କରାଯିବ । ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ରାଜ୍ୟ ପ୍ରାଥମିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ଗଞ୍ଜାମ ଜିଲାକୁ ୨ ଦିନିଆ ଗସ୍ତରେ ଆସି ମାଟ୍ରିକ ପରୀକ୍ଷା ପ୍ରସ୍ତୁତିର ସମୀକ୍ଷା ସହ ଅନୁଧ୍ୟାନ କରିଛନ୍ତି। ଏଥିସହ ପରୀକ୍ଷା ବେଳେ ପିଲାଙ୍କର ଯେଭଳି କୌଣସି ଅସୁବିଧା ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା କେନ୍ଦ୍ର ବାହାରେ କୌଣସି ଉଠା ଦୋକାନ କିମ୍ବା ଗହଳି ହେବା ଉପରେ ସମ୍ପୂର୍ଣ୍ଣ କଟକଣା ରହିଛି ।

# ବ୍ରହ୍ମପୁର-ସମ୍ବଲପୁର ରେଳ ପ୍ରକଳ୍ପ ପାଇଁ ଚାପ ପକାଯିବ

### ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବ କ୍ରିୟାନୁଷ୍ଠାନ କମିଟି

ଭଞ୍ଜନଗର,୨୫।୭(ଡି.ଏନ.ଏ)

ବ୍ରହ୍ମପୁର ଭାୟା ଭଞ୍ଜନଗର-ସମ୍ବଲପୁର ନୂତନ ରେଳ ଲାଇନ ଫାଇଲ ନୀତି ଆୟୋଗଙ୍କ ପାଖରେ ପଡ଼ିରହିଛି। ଚୂଡ଼ାନ୍ତ ସର୍ଭେ ସରି ନ ଥିବା ଯୋଗୁ ତାହା ଅନୁମୋଦନ ଲାଭ କରି ପାରୁନାହିଁ। ଏହି ପ୍ରକଳ୍ପକୁ କିଭଳି ତୁରନ୍ତ ଅନୁମୋଦନ ମିଳିବ ସେ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଯିବ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀରେ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରାଯିବ। ଏଥିସହ ମୁଖ୍ୟମନ୍ତ୍ରୀ, ରାଜ୍ୟର ଅନ୍ୟ କେନ୍ଦ୍ରମନ୍ତ୍ରୀ, ସମସ୍ତ ଏମ୍‌ପି, ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ମଧ ଦାବିପତ୍ର ପ୍ରଦାନ କରାଯିବ। କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେଲେ ସରକାରଙ୍କ ଉପରେ ଚାପସୃଷ୍ଟି ପାଇଁ ଆଗାମୀ ଦିନରେ ସାଧାରଣ ଜନତାଙ୍କ ଦସ୍ତଖତ ଅଭିଯାନ ହେବ। ଆଗକୁ ଫୁଲବାଣୀ, ବୌଦ୍ଧରେ କ୍ରିୟାନୁଷ୍ଠାନ କମିଟିର ବୈଠକ କରାଯିବ । ରବିବାର ଭଞ୍ଜନଗର ବାର୍ ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ବୈଠକରେ ବକ୍ତାମାନେ ଏପରି ମତବ୍ୟକ୍ତ କରିଛନ୍ତି। ବୈଠକରେ ସଭାପତି ସନ୍ତୋଷ ନାୟକ ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ହର୍ଷବର୍ଦ୍ଧନ ପଣ୍ଡା ଏବଂ ଅଳକା ମଞ୍ଜରୀ ପଟ୍ଟନାୟକ ପ୍ରଦୀପ ପ୍ରଜ୍ଜ୍ୱଳନ କରି ବୈଠକକୁ ଉଦ୍‌ଘାଟନ କରିଥିଲେ। ରବୀନ୍ଦ୍ରନାଥ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବତନ କ୍ରିୟାନୁଷ୍ଠାନ କମିଟି ସଭାପତି ଅଭିମନ୍ୟୁ ଗୌଡ଼ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ସଙ୍ଗଠନ ସମ୍ପାଦକ ନିରଞ୍ଜନ ନାୟକ, ବୌଦ୍ଧ ଜିଲା ବାର ଆସୋସିଏଶନ ଉପ ସଭାପତି ଅଶୋକ ସାହୁ, ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଉପ ସଭାପତି ରାଜେନ୍ଦ୍ର କୁମାର ପ୍ରଧାନ, ବ୍ରହ୍ମପୁର ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧି, ସମ୍ପାଦକ ପ୍ରଦୀପ ବେହେରା, ଆଇନଜୀବୀ ସୋମନାଥ ନାୟକ, ଭଞ୍ଜନଗର ବାର୍ ଆସୋସିଏଶନ ପୂର୍ବତନ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ସୂଚନାକର୍ମୀ ବି.ଶଙ୍କର ପାତ୍ର, ଉପ ସଭାପତି ରଜତ ଦାସ, ସହ ସମ୍ପାଦକ ଧିରେନ ସ୍ୱାଇଁ, ବିଷ୍ଣୁ ପ୍ରଧାନ, ମନୋଜ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜର ମତ ରଖିଥିଲେ । ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।





ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

